ଶନିବାର , ୨ ସେପ୍ଟେମ୍ବର, ୨୦୨୩

# ପିଲାଙ୍କ ଧରିତ୍ରୀ





ଗପ

# ଗୁରୁଙ୍କ ବିନା ମୁକ୍ତି ନାହିଁ

ସୋମୁ ଓ ତା' ସାଙ୍ଗମାନେ ବିଦ୍ୟାଳୟକୁ ପ୍ରବେଶ ମାତ୍ରକେ ରମେଶ ସାର୍‌ଙ୍କୁ ଦେଖି ସୋମୁ ପାଦ ଛୁଇଁ ପାଦ ଧୂଳି ନେଲା। ତା' ସାଙ୍ଗମାନେ ସୋମୁର ସାର୍‌ଙ୍କ ପ୍ରତି ବ୍ୟବହାର ଦେଖି ଆଶ୍ଚର୍ଯ୍ୟଚକିତ ହୋଇଗଲେ। ସେ ଏବେ କ୍ଲାସ୍‌ରେ କାହାକୁ ହଇରାଣ ହରକତ କରୁନାହିଁ। କେହି ଦୁଷ୍ଟାମି କଲେ ସେମାନଙ୍କୁ ପ୍ରତିରୋଧ କରୁଛି। ତେବେ ତାକୁ ବଦଳାଇବାର ମୁଖ୍ୟ ପୁରୋଧା ହେଉଛନ୍ତି ଗଣିତ ସାର୍।

ଥରେ ଗଣିତ କ୍ଲାସ୍ ଚାଲିଥିବା ବେଳେ ସୋମୁ ବହୁତ ହଇରାଣ କଲା। ଯେତେ ପାଟି କଲେ ବି କିଛି ଫରକ୍ ପଡ଼ିଲା ନାହିଁ। କ୍ଲାସ ସରିବା ପରେ ସାର୍ ତାକୁ କମନ୍ ରୁମ୍‌କୁ ଡାକିଲେ। କହିଲେ ଖଟା ଫଳ ଆଉ ମିଠା ଫଳ ମଧ୍ୟରେ ଫରକ କ'ଣ ? ସେଥିରୁ ତୁମକୁ କେଉଁଟି ବେଶି ଭଲ ଲାଗେ।

ସୋମୁ କହିଲା, ସାର୍ ମତେ ନୁହେଁ ସାରା ଦୁନିଆକୁ ମିଠା ଫଳ ହିଁ ଭଲ ଲାଗେ। ମିଠା ଫଳକୁ ସଭିଏଁ ଆଦର କରୁଥିବା ବେଳେ ଖଟା ଫଳକୁ ବାହାରେ ଫିଙ୍ଗି ଦିଅନ୍ତି। ହେଲେ ସାର୍ ମତେ ଏ ପ୍ରଶ୍ନ ପଚାରିବାର କାରଣ କ'ଣ ? ସାର୍ କହିଲେ, ନିଜକୁ କ୍ଲାସ୍‌ର ଅନ୍ୟ ପିଲା ସହ ତୁଳନା କରି ଦେଖ, ସବୁ ବୁଝିଯିବ।

ଏହାପରେ ସୋମୁ ଚିନ୍ତାରେ ପଡ଼ିଗଲା। ସାର୍‌ଙ୍କ ଇଙ୍ଗିତକୁ ବୁଝିପାରି ଅନୁତାପରେ ବୁଡ଼ି ରହିଲା ଭଳି ଅନୁଭବ କଲା। ତା' ପରେ ଧୀରେ ଧୀରେ ତା' ଭିତରେ ପରିବର୍ତ୍ତନ ଆସିଲା।

ଏତିକି ବେଳେ ବାହାରୁ କେହି ଜଣେ କହୁଥାଏ , 'ଜାଣିଛ ଗୁରୁ ହେଉଛନ୍ତି ଭଗବାନ। ଯିଏ ଆମକୁ ଅନ୍ଧାରରୁ ଆଲୋକ ପ୍ରଦାନ କରନ୍ତି। ଯିଏ ସାଧାରଣ ଦୁନିଆରୁ ଆଣି ଅସାଧାରଣ ଶକ୍ତି ପ୍ରଦାନ କରନ୍ତି ସେ ହିଁ ଗୁରୁ। ଗୁରୁଙ୍କ ସେବାରେ ନିଜକୁ ନିୟୋଜିତ କରିବାରେ ଅନେକ ଆନନ୍ଦ ମିଳିଥାଏ। ଗୁରୁ ଶକ୍ତିର ମହିମା ସାରା ଦୁନିଆକୁ ଜଣା। ଇତିହାସକୁ ମନେପକାଇଲେ ଜାଣିହେବ କି ସିଏ ଗୁରୁ ଦ୍ରୋଣ ଆଉ ଶିଷ୍ୟ ଅର୍ଜୁନ ହୁଅନ୍ତୁ ବା ଚନ୍ଦ୍ରଗୁପ୍ତଙ୍କ ଗୁରୁ ଚାଣକ୍ୟ ହୁଅନ୍ତୁ, ଗୁରୁ ହିଁ ସବୁବେଳେ ଶିଷ୍ୟକୁ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚାଇବାର ମାର୍ଗ ଦେଖାଇଥାନ୍ତି।

ଭାଗବତ, ଗୀତା ଭଳି ମହାନ୍ ପୌରାଣିକ ଗ୍ରନ୍ଥରେ ଗୁରୁଙ୍କ କୃପା ମହିମା ମଣ୍ଡିତ। ଏକ ଅର୍ଥରେ କହିବାକୁ ଗଲେ ଗୁରୁଙ୍କ ବିନା ମୁକ୍ତି ନାହିଁ ।

**– ଅର୍ଜୁନ ଦାସ**
ମାଧବ, ନିଆଳି, କଟକ
ମୋ: ୭୭୩୫୯୫୭୧୫୧

# ଗୁରୁଭକ୍ତ ଉପମନ୍ୟୁ

ପୁରାଣ କାଳରେ ଧୌମ୍ୟ ନାମକ ଜଣେ ମହର୍ଷି ଥିଲେ। ତାଙ୍କ ପାଖରେ ଶିକ୍ଷା ଗ୍ରହଣ କରିବାକୁ ଦୂର ଦୂରାନ୍ତରୁ ଶିଷ୍ୟମାନେ ଆସୁଥିଲେ। ସେମାନଙ୍କ ମଧ୍ୟରେ ଉପମନ୍ୟୁ ନାମରେ ଜଣେ ଶିଷ୍ୟ ଥିଲେ। ମହର୍ଷି ତାଙ୍କୁ ଆଶ୍ରମର ଗାଈ ଚରେଇବା ଦାୟିତ୍ୱ ଦେଇଥିଲେ। ଉପମନ୍ୟୁ ସକାଳେ ଗାଈଙ୍କୁ ନେଇ ଯିବାବେଳେ ଗୁରୁମାତା ଅଳ୍ପ କିଛି ଖାଦ୍ୟ ଦେଉଥିଲେ। ଦିନେ ଗୁରୁଜୀ ଉପମନ୍ୟୁଙ୍କୁ ଡାକି ପଚାରିଲେ, ତୁମେ ଦିନଯାକ ଗାଈ ଚରାଉଚ, ଗୁରୁମାତା ଦେଉଥିବା ସ୍ୱଳ୍ପ ଆହାର ଖାଇ ଏମିତି ହୃଷ୍ଟପୁଷ୍ଟ କିଭଳି ଦେଖାଯାଉଛ ?

ଉପମନ୍ୟୁ ହାତ ଯୋଡ଼ି ଖୁବ୍ ବିନୀତ ସ୍ୱରରେ କହିଲେ, ଗୁରୁଦେବ, ଗାଈଙ୍କୁ ଚରିବାକୁ ଛାଡ଼ି ଦେଇ ମୁଁ ପାଖ ଗାଁରୁ ଭିକ୍ଷା ବୃତ୍ତି କରି ମୋ ଉଦର ଭରୁଛି। ଋଷି କହିଲେ, ମୋ ବିନା ଅନୁମତିରେ ତୁମେ ଆଦୌ ଭିକ୍ଷା ମାଗିବ ନାହିଁ କିମ୍ବା ମୋତେ ଅର୍ପଣ ନ କରି କିଛି ଖାଇବ ନାହିଁ। ପୁଣି କିଛିଦିନ ପରେ ମହର୍ଷି ପଚାରିଲେ, ଉପମନ୍ୟୁ ତୁମେ ଏବେ ବି ସେମିତି ହୃଷ୍ଟପୁଷ୍ଟ ଅଛ, ଏହାର ରହସ୍ୟ କ'ଣ ? ଉପମନ୍ୟୁ କହିଲେ, ସେ ଗାଈର ପହ୍ନାରୁ କିଛି କ୍ଷୀର ଦୁହିଁ ପିଉଛନ୍ତି। ମହର୍ଷି ତାଙ୍କୁ ସେପରି କରିବାକୁ ବାରଣ କଲେ। କିଛିଦିନ ଗଲା ପରେ ମହର୍ଷି ପୁଣି ଥରେ ତାଙ୍କୁ ପଚାରିବାରୁ ସେ କହିଲେ, ବାଛୁରୀମାନେ କ୍ଷୀର ପିଇବା ପରେ ତାଙ୍କ ମୁହଁରେ ଯେଉଁ ଫେଣ ଲାଗିଥାଏ ତାକୁ ସେ ଚାଟିକି ଖାଉଛନ୍ତି। ଏଥର ମଧ ମହର୍ଷି ସେପରି କରିବାକୁ ମନା କରିଦେଲେ।

ଏହାପରେ ଦିନେ ସନ୍ଧ୍ୟାବେଳେ ପ୍ରାର୍ଥନା ସମୟରେ ମହର୍ଷି ଦେଖିଲେ ଯେ ଆଶ୍ରମରେ ଉପମନ୍ୟୁ ନାହାନ୍ତି। ମହର୍ଷି ଓ ଅନ୍ୟ ଶିଷ୍ୟମାନେ ଉପମନ୍ୟୁଙ୍କୁ ଖୋଜିବାକୁ ଗଲେ। ଜଙ୍ଗଲ ମଧ୍ୟରେ ସେମାନେ ଏକ କୂଅରୁ ଉପମନ୍ୟୁଙ୍କ ସ୍ୱର ଶୁଣି ସେଠାକୁ ଯାଇ ଦେଖିଲେ ସେ କୂଅ ଭିତରେ ପଡ଼ି ଯାଇଛନ୍ତି। ମହର୍ଷି ଧୌମ୍ୟ କୂପ ଭିତରେ କିପରି ପଡିଲ ପଚାରିବାରୁ ଉପମନ୍ୟୁ କହିଲେ, ଭୋକ ସମ୍ଭାଳି ନ ପାରି ସେ କିଛି ଅରଖ ପତ୍ର ଖାଇଥିଲେ। ଯାହାଫଳରେ ତାଙ୍କର ଦୃଷ୍ଟିଶକ୍ତି ଚାଲିଗଲା। ସେ ଜଙ୍ଗଲରେ ବୁଲୁଥିବା ବେଳେ ହଠାତ୍ କୂଅରେ ପଡ଼ିଗଲେ। ଏହା ଶୁଣି ମହର୍ଷି ଉପମନ୍ୟୁଙ୍କୁ ଗୋଟିଏ ମନ୍ତ୍ର ଦେଇ କହିଲେ, ସ୍ୱର୍ଗର ବୈଦ୍ୟ ଅଶ୍ୱିନୀ କୁମାରଙ୍କୁ ସ୍ମରଣ କର। ଉପମନ୍ୟୁ ଅଶ୍ୱିନୀ କୁମାରଙ୍କୁ ସ୍ମରଣ କରିବାରୁ ସେମାନେ ଉପସ୍ଥିତ ହୋଇ ଉପମନ୍ୟୁଙ୍କୁ ଗୋଟିଏ ପିଠା ଦେଇ କହିଲେ, ଏହାକୁ ଖାଇବା ମାତ୍ରେ ତୁମେ ଚକ୍ଷୁର ଜ୍ୟୋତି ଫେରିପାଇବ। ଏକଥା ଶୁଣି ଉପମନ୍ୟୁ କହିଲେ, ମୋତେ କ୍ଷମା କରିବେ। ମୋ ଗୁରୁଙ୍କ ବିନା ଅନୁମତିରେ ଓ ତାଙ୍କୁ ଅର୍ପଣ ନ କରି ଏ ପିଠା ଖାଇପାରିବି ନାହିଁ। ବରଂ ସବୁଦିନ ପାଇଁ ଦୃଷ୍ଟିଶକ୍ତି ଲୋପ ପାଇଯାଉ। ଏମିତିକି ମୋର ମୃତ୍ୟୁ ହୋଇଗଲେ ବି ଗୁରୁଙ୍କ ଆଦେଶକୁ ଅବଜ୍ଞା କରିପାରିବି ନାହିଁ।

ଅଶ୍ୱିନୀ କୁମାର ଉପମନ୍ୟୁଙ୍କ ଅଦ୍ଭୁତ ଗୁରୁ ଭକ୍ତି ଦେଖି ପ୍ରୀତ ହୋଇ କହିଲେ, ତୁମର କଲ୍ୟାଣ ହେଉ ବତ୍ସ, ତୁମେ ତୁମର ଚକ୍ଷୁ ଫେରିପାଅ। ଏହା ପରେ ଉପମନ୍ୟୁଙ୍କୁ ଗୁରୁ ଧୌମ୍ୟ କହିଲେ, ବତ୍ସ ତୁମର ଏପରି ଗୁରୁଭକ୍ତି ଏ ଦୁନିଆରେ ବିରଳ। ମୁଁ ଆଶୀର୍ବାଦ କରୁଛି ଯେ ତୁମେ ବେଦ ଉପନିଷଦ ସମସ୍ତ ଜ୍ଞାନରେ ଅଗାଧ ପାଣ୍ଡିତ୍ୟ ଲାଭକର। ଗୁରୁଙ୍କ ଆଶୀର୍ବାଦ ଫଳରେ ପରବର୍ତ୍ତୀ କାଳରେ ଉପମନ୍ୟୁ ଜଣେ ଅସାଧାରଣ ବିଦ୍ୱାନ ହୋଇ ପାରିଥିଲେ ଓ ବେଦ ଉପନିଷଦ ଆଦିରେ ବିଚକ୍ଷଣ ପାଣ୍ଡିତ୍ୟ ଲାଭ କରିପାରିଥିଲେ।

**– ସୁନିତା ପ୍ରଧାନ**
ମୋ: ୭୭୪୯୮୫୦୫୭୫

## ରଙ୍ଗ ଦିଅ



## ମତାମତ

▸▸ ଜଣା ଅଜଣାରେ 'ଅଜବ ପ୍ରାଣୀ' ପାଠଟି ପଢ଼ି କେତେକ ଜୀବଙ୍କ ବିଷୟରେ ତଥ୍ୟ ଜାଣିପାରିଲି।

**– ନିଖିଲ୍ ରାଉତ, ନୟାଗଡ଼**

▸▸ ଆଇନାରେ ପ୍ରକାଶିତ ଫଟୋଗୁଡ଼ିକ ସୁନ୍ଦର ହେଉଛି।

**– ମମତା ସାହୁ, ବାଲିକୁଦା, ଜଗତ୍‌ସିଂହପୁର**

▸▸ 'ସ୍ନେହର ବନ୍ଧନ' ଗପଟି ବହୁତ ସୁନ୍ଦର ହୋଇଥିଲା।

**– ମାୟାଧର ମହାନ୍ତି, ରାଉରକେଲା**

▸▸ ରାଖୀ ସମ୍ପର୍କିତ କବିତାଗୁଡିକ ପଢ଼ିବାକୁ ବହୁତ ସୁନ୍ଦର ଲାଗିଲା।

**– ରଞ୍ଜନ ନାୟକ, କନ୍ଧମାଳ**



## ଖିଲି ଖିଲି ହସ

ଶିକ୍ଷକ– ସୋନୁ, ତୁମେ ଗଣିତରେ ଫେଲ୍ ହୋଇଛ।
ସୋନୁ–ସାର୍! ମୁଁ କ'ଣ କରିବି। ସବୁ ଭୁଲ୍ ତ ଆପଣଙ୍କର।
ଶିକ୍ଷକ (ରାଗିଯାଇ)– ଆରେ ତୋ ଫେଲ୍ ପାଇଁ ମୁଁ କ'ଣ କଲି ?
ସୋନୁ– ସାର୍! ଆପଣ ତ ସବୁବେଳେ ଭୁଲ୍ ପଢ଼ାଉଛନ୍ତି। କେତେବେଳେ କହୁଛନ୍ତି ୪ ରେ ୪ ମିଶିଲେ ୮, କେତେବେଳେ ୫ ରେ ୩ ମିଶିଲେ ୮ ତ ଆଉ କେତେବେଳେ ୬ ରେ ୨ମିଶିଲେ ୮। ମୁଁ ତ ସେଥିପାଇଁ ବେଳେବେଳେ କନ୍‌ଫ୍ୟୁଜ୍ ହୋଇଯାଉଛି କୋଉଟା ଲେଖିବି।

(ପିଣ୍ଟୁ ଏବଂ ଶିକ୍ଷୟିତ୍ରୀଙ୍କ ମଧ୍ୟରେ କଥାବାର୍ତ୍ତା)
ଶିକ୍ଷୟିତ୍ରୀ– ପିଣ୍ଟୁ, ତୁମେ ହୋମ୍‌ୱର୍କ କାହିଁକି କରିନ ?
ପିଣ୍ଟୁ– ମାମ୍! କଥା କ'ଣ କି, ମୁଁ ଏଥର ହୋଟେଲ୍‌ରେ ରହୁଛି।
ଶିକ୍ଷୟିତ୍ରୀ– ସେଠୁ କ'ଣ ହେଲା ?
ପିଣ୍ଟୁ– ମାମ୍! ହୋଟେଲ୍‌ରେ ରହି ହୋମ୍‌ୱର୍କ କେମିତି କରିବି ? ଆପଣଙ୍କୁ ଏଥର ମୋତେ ହୋଟେଲ୍ ୱାର୍କ ଦେବାକୁ ପଡ଼ିବ। ତା'ହେଲେ ଯାଇ ସବୁ ପାଠ ମୁଁ ଠିକ୍‌ରେ କରିଦେବି।


ଶିଶୁ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

ପ୍ରଖର ବୁଦ୍ଧି ହେବା ହୁଏତ ପ୍ରକୃତିର ଏକ ବରଦାନ ବୋଲି କୁହାଯାଇପାରେ। କିନ୍ତୁ ଚେଷ୍ଟା ବଳରେ ବି ଜଣେ ନିଜ ବୁଦ୍ଧି ବଢ଼ାଇ ପାରିବ। ପିଲାମାନେ କିଭଳି ନିଜ ବୁଦ୍ଧି ବଢ଼ାଇ ସଫଳତା ହାସଲ କରିପାରିବେ ସେସମ୍ପର୍କରେ କିଛି କଥା।



# ବୌଦ୍ଧିକ ବିକାଶ

ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡ଼େ। ମାତ୍ର କେତେକ ଅଛନ୍ତି ଯେଉଁମାନେ ନିଜ ବୁଦ୍ଧି ବଳରେ ହିଁ ସହଜରେ ସଫଳତା ହାସଲ କରିପାରନ୍ତି। ଅବଶ୍ୟ ବୁଦ୍ଧିମତ୍ତା ଏକ ପ୍ରକୃତିଦତ୍ତ ଲକ୍ଷଣ। ଆଉ ଜନ୍ମରୁ ହିଁ ଜଣକର ମାନସିକ ଦକ୍ଷତା ଜଣାପଡ଼ି ଯାଇଥାଏ। କିନ୍ତୁ ଏହା ବ୍ୟତୀତ ଉଦ୍ୟମ ବଳରେ ପିଲାମାନେ ମଧ୍ୟ ନିଜ ବୌଦ୍ଧିକ ବିକାଶ କରିପାରିବେ। ଅନ୍ୟମାନଙ୍କ ଆଗରେ ନିଜ ଦକ୍ଷତା ପ୍ରଦର୍ଶନ କରିବାକୁ ହେଲେ ବୌଦ୍ଧିକ ବିକାଶ ନିହାତି ଜରୁରୀ। ଏଥିପାଇଁ କେଉଁସବୁ ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ ସେନେଇ ଜାଣିବା ଜରୁରୀ।

## ଅଭ୍ୟାସ

ବୁଦ୍ଧିର ବିକାଶ ପାଇଁ ସବୁଠୁ ବେଶି ଗୁରୁତ୍ୱପୂର୍ଣ୍ଣ ହେଉଛି ଅଭ୍ୟାସ। ଯେକୌଣସି ପିଲା ଅଭ୍ୟାସ ବଳରେ ସବୁ କିଛି ହାସଲ କରିପାରିବ। ସେଥିପାଇଁ କୁହାଯାଏ ଅଭ୍ୟାସ ବଳେ ସବୁ ଗ୍ରନ୍ଥ, ପଢ଼ି ହୋଇବ ଜ୍ଞାନବନ୍ତ। ତେଣୁ ଛାତ୍ରୀଛାତ୍ରମାନେ ବୁଝିପାରୁ ନ ଥିବା ବିଷୟକୁ ବାରମ୍ବାର ପଢ଼ିବା ଦ୍ୱାରା ନିଶ୍ଚିତଭାବେ ତାହା ବୋଧଗମ୍ୟ ହୋଇଥାଏ। କେବଳ ପାଠ ନୁହେଁ କୌଣସି କାମ ପାଇଁ ନିରନ୍ତର ଅଭ୍ୟାସ କରିବା ଫଳରେ ସଫଳତା ନିଶ୍ଚୟ ମିଳିଥାଏ। ତେଣୁ ନିଜର ଜ୍ଞାନ ବଢାଇବାକୁ ଚାହୁଁଥିଲେ ପ୍ରତିକ୍ଷେତ୍ରରେ ଅଭ୍ୟାସ ହିଁ ସର୍ବପ୍ରଥମ ମାର୍ଗ।

## ସମୟ ସୀମା

ସବୁ କାମକୁ ଠିକ୍ ସମୟ ଭିତରେ ପୂରା କରନ୍ତୁ। ବୁଦ୍ଧିମାନ ପିଲାଙ୍କର ଏହା ଏକ ଉତ୍ତମ ଲକ୍ଷଣ। ଯେଉଁ କାମ ପାଇଁ ଯେତିକି ସମୟ ଆବଶ୍ୟକ ସେହି ଅନୁସାରେ କାମ କରିବା ଦରକାର। ଫଳରେ ଅନ୍ୟ ସମୟରେ ନୂଆ କିଛି କାମ କରିପାରିବେ କିମ୍ବା କୌଣସି କ୍ରିଏଟିଭିଟି କାମ କରିବା ପାଇଁ ବି ସୁଯୋଗ ପାଇପାରିବେ।

## ଶୁଣନ୍ତୁ ଓ ବୁଝନ୍ତୁ

ଘରେ ହେଉ କି ସ୍କୁଲରେ ସବୁ ସ୍ଥାନରେ ପ୍ରଥମେ ଅନ୍ୟର କଥାକୁ ଭଲଭାବେ ଶୁଣନ୍ତୁ। କଥାକୁ ଭଲଭାବେ ଶୁଣିବା ପରେ ହିଁ କୌଣସି ବିଷୟକୁ ବୁଝିବା ସହଜ ହୋଇଥାଏ। ପିଲାଙ୍କର ଏଭଳି ଗୁଣ ସେମାନଙ୍କୁ ଅନେକଗୁଡିଏ କଥା ଜାଣିବା ପାଇଁ ସୁଯୋଗ ଦେଇଥାଏ । ଫଳରେ ସେମାନେ ବୁଦ୍ଧିମାନ ହୋଇପାରନ୍ତି। ସେଥିପାଇଁ ପାଠ ପଢାଇବା ସମୟରେ ଶିକ୍ଷକଙ୍କ କଥାକୁ ଭଲଭାବେ ଶୁଣିବା ପାଇଁ ପିଲାଙ୍କୁ ପରାମର୍ଶ ଦିଆଯାଏ। ଯେଉଁମାନେ ଭଲଭାବେ ଶିକ୍ଷକ ବୁଝାଉଥିବା ପାଠକୁ ଶୁଣନ୍ତି ସେମାନେ ସହଜରେ ବୁଝିପାରନ୍ତି ଏବଂ ମନେ ରଖିପାରନ୍ତି।

## ପ୍ରଶ୍ନ ପଚାରିବା

ନିଜର ବୁଦ୍ଧି ବଢ଼ାଇବା ପାଇଁ ଚାହୁଁଥିଲେ ସବୁ ସ୍ଥାନ କିମ୍ବା କାର୍ଯ୍ୟକ୍ରମରେ ସକ୍ରିୟଭାବେ ଅଂଶଗ୍ରହଣ କରନ୍ତୁ। ବିଶେଷକରି ଶ୍ରେଣୀଗୃହରେ ପାଠପଢା ହେଉଥିବା ସମୟରେ ସେଠାରେ ଅନ୍ୟମନସ୍କ ହୁଅନ୍ତୁ ନାହିଁ। ବରଂ କୌଣସି ବିଷୟରେ ପାଠପଢାବେଳେ କିଛି ଅବୁଝା ରହିଗଲେ ତୁରନ୍ତ ପ୍ରଶ୍ନ ପଚାରନ୍ତୁ। ସବୁ ବିଷୟରେ ଅଧିକ ଜାଣିବାର ଆଗ୍ରହ ପିଲାଙ୍କ ବୁଦ୍ଧିକୁ ବଢାଇଥାଏ। ତେଣୁ ପ୍ରଶ୍ନ ପଚାରିବାର କଳା ଜାଣିପାରିଲେ ପିଲାମାନେ ସବୁ ବିଷୟରେ ଅଧିକ ଜ୍ଞାନ ହାସଲ କରିପାରିବେ।

## ଲକ୍ଷ୍ୟ ନିର୍ଦ୍ଧାରଣ

ବୁଦ୍ଧି ବଢାଇବାର ଅନ୍ୟ ଏକ ମାଧ୍ୟମ ହେଉଛି ଲକ୍ଷ୍ୟ ସ୍ଥିର କରିବା ବା ନିଜର ଏକ ଟାର୍ଗେଟ କରିବା। ପାଠପଢ଼ାରେ ହେଉ କି ଅନ୍ୟ କୌଣସି କ୍ଷେତ୍ରରେ କାମ କରିବାକୁ ଯାଉଥିଲେ ପ୍ରଥମେ ଟାର୍ଗେଟ କରି କାମ କରନ୍ତୁ। ଅର୍ଥାତ୍ କେଉଁ ସମୟ ମଧ୍ୟରେ କେତିକି କାମ କରିବେ ସେଥିପାଇଁ ପ୍ରଥମେ ଯୋଜନା କରନ୍ତୁ। ଆଉ ଯୋଜନା ଅନୁସାରେ କାମ ପୂରା କରିବା ନିମନ୍ତେ ପରିଶ୍ରମ କରନ୍ତୁ। ବିଦ୍ୟାର୍ଥୀମାନେ ଯଦି ସମୟ ଅନୁସାରେ କେତିକି କାମ କରିବେ ତାହା ସ୍ଥିର କରିନେବେ ତା'ହେଲେ ଅଧିକ ଜ୍ଞାନ ହାସଲ କରିପାରିବେ।

### ବୁଦ୍ଧି ବଢାଇବାର ଉପାୟ

- ପଢ଼ିବା, ଲେଖିବା କିମ୍ବା ଚିତ୍ର କରିବା ଆଦି କେଉଁ କ୍ଷେତ୍ର ଆପଣଙ୍କୁ ଅଧିକ ପସନ୍ଦ ହେଉଛି ତାହା ସ୍ଥିର କରନ୍ତୁ। ନିଜେ କେଉଁ ବିଷୟରେ ଜାଣିବାକୁ ଚାହୁଁଛନ୍ତି ଏବଂ କେଉଁ କ୍ଷେତ୍ରରେ ଆପଣ ନିଜ ଭବିଷ୍ୟତ ଗଢ଼ିବାକୁ ଚାହୁଁଛନ୍ତି ତାହା ଲେଖି ରଖନ୍ତୁ।
- ପ୍ରତିଦିନ ଖବରକାଗଜ ପଢ଼ନ୍ତୁ ଓ କିଛି ନୂଆ ଚିନ୍ତା କରନ୍ତୁ। ଯାହା ପଢୁଛନ୍ତି ଅଥବା ଭାବୁଛନ୍ତି ସେସବୁ ଲେଖି ରଖନ୍ତୁ।
- କିଛି ଗପ କିମ୍ବା ଗୀତ ଲେଖିବାର ଅଭ୍ୟାସ କରନ୍ତୁ।
- ଟିଭି କିମ୍ବା ଫୋନରେ ଶିକ୍ଷା ସମ୍ବନ୍ଧୀୟ ଭିଡିଓ ଦେଖନ୍ତୁ।
- ନିଜ ଭାବନାକୁ ଲେଖି ରଖନ୍ତୁ କିମ୍ବା ଅନ୍ୟମାନଙ୍କ ସହ ଶେୟାର କରନ୍ତୁ।
- ନିଜଠାରୁ ଅଧିକ ସ୍ମାର୍ଟ ପିଲାଙ୍କ ସହିତ ଅଧିକ ସମୟ କଟାନ୍ତୁ। ନୂଆ ନୂଆ ସ୍ଥାନ ବୁଲିବାକୁ ଯାଆନ୍ତୁ ଓ ଅଧିକ ଲୋକଙ୍କ ସହ ମିଶି କଥାବାର୍ତ୍ତା କରନ୍ତୁ।
- ଚେସ୍ କିମ୍ବା ବିଭିନ୍ନ ପ୍ରକାର ପଜଲ୍ ଗେମ୍ ଖେଳନ୍ତୁ।
- ବେଳେବେଳେ କିଛି କାମ ନ କରି ନୀରବ ହୋଇ ବସନ୍ତୁ।
- ଯୋଗ, ଧ୍ୟାନ ଓ ବ୍ୟାୟାମ କରନ୍ତୁ। ସନ୍ତୁଳିତ ଆହାର ନିଅନ୍ତୁ ଓ ଭଲ ନିଦରେ ୭ରୁ ୮ ଘଣ୍ଟା ଶୁଅନ୍ତୁ।







୧




୨



୩



୪





୫




୬




୭



୮




୯



ନୀଲାକ୍ଷୀ ମହାପାତ୍ର
କ୍ଲାସ- ୭, କେ.ସି
ପବ୍ଲିକ ସ୍କୁଲ,
ବ୍ରହ୍ମପୁର
୧



ଆଦିତ୍ୟ ସ୍ୱରୂପ ଜେନା
କ୍ଲାସ- ୪, କେନ୍ଦ୍ରୀୟ
ବିଦ୍ୟାଳୟ,
ଢେଙ୍କାନାଳ
୨



ଗାୟତ୍ରୀ ପାତ୍ର
କ୍ଲାସ- ୪, ଭଣ୍ଡଗାଁ
ପ୍ରାଥମିକ ବିଦ୍ୟାଳୟ,
ମୟୂରଭଞ୍ଜ
୩



ଇଶାନୀ ସାଇ ଶର୍ମା
କ୍ଲାସ- ୪,
ନିଉ ଡି'ପଲ୍ ସ୍କୁଲ,
ବ୍ରହ୍ମପୁର
୪



ଆୟାଂଶୀ ଆରାଲିନ୍
କ୍ଲାସ-୧, ମାଉଣ୍ଟ ଲିଟେରା
ଜି ସ୍କୁଲ, ହ୍ୱାଇଟ୍ ଫିଲ୍ଡ,
ବେଙ୍ଗାଲୁରୁ
୫



ଦିବ୍ୟାଶ୍ରୀ ଦେବାର୍ଚ୍ଚନା
କ୍ଲାସ- ୯, ସେଣ୍ଟ
ଜାଭିୟର୍ସ ହାଇସ୍କୁଲ,
ଖଣ୍ଡଗିରି
୬



ସ୍ୱାଧୀନ ମୁଦୁଲି
କ୍ଲାସ- ୮, ସରକାରୀ ୟୁ.ପି
ସ୍କୁଲ, ପାଣିକୋଇଡ,
ବାଙ୍କି, କଟକ
୭



ଆସ୍ଥା ସାଇ
କ୍ଲାସ- ୭, ମଦର୍ସ
ପବ୍ଲିକ ସ୍କୁଲ,
ପୁରୀ
୮



ଅଭିସୁମତ୍ ସାମଲ
କ୍ଲାସ-୩, ପ୍ରଭୁଜୀ ଇଂଲିଶ୍
ମିଡିୟମ୍ ସ୍କୁଲ, ଭିଏସଏସ୍
ନଗର, ଭୁବନେଶ୍ୱର
୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ସବୁଠୁ ଲମ୍ବା ଆଇସ୍‌କ୍ରିମ

ଆଇସ୍‌କ୍ରିମ ଖାଇବାକୁ ପ୍ରାୟସମସ୍ତଙ୍କର ଥାଏ ସ୍ୱତନ୍ତ୍ର ଆକର୍ଷଣ। ସେଥିପାଇଁ କିଏ କିଏ ଫ୍ୟାମିଲି ପ୍ୟାକ୍ କିଣି ଅଧିକ ଖାଇବାର ମଜା ନେଇଥାନ୍ତି। କିନ୍ତୁ ଏମିତି ବି ଏକ ଆଇସ୍‌କ୍ରିମ ତିଆରି ହୋଇପାରେ ଯାହାର ଲମ୍ବ ୧୪ ମିଟର। ଗୋଟିଏ ଆଇସ୍‌କ୍ରିମ ଯେ ଏତେ ବଡ଼ ହୋଇପାରେ ଏ କଥାକୁ ହୁଏତ ସହଜରେ ବିଶ୍ୱାସ କରିହେବନି। ମାତ୍ର ଏହି ଆଇସ୍‌କ୍ରିମଟି ତିଆରି ହୋଇଥିଲା ଆମେରିକାର ଟେକ୍ସାସରେ ଯାହାକି ସବୁଠାରୁ ଲମ୍ବା ଆଇସ୍‌କ୍ରିମ୍ ଭାବେ ଗିନିଜ୍ ରେକର୍ଡ କରିପାରିଥିଲା। ସେଠାରେ ଏକ ସ୍ୱତନ୍ତ୍ର ଉତ୍ସବ ସମୟରେ ଏହାକୁ ତିଆରି କରାଯାଇଥିଲା। ଏହାକୁ ତିଆରି କରିବା ପାଇଁ ୧୮୯୨.୭୦୫୯ କିଲୋଗ୍ରାମରୁ ଅଧିକ ଭାନିଲା ଆଇସ୍‌କ୍ରିମ ଓ ୧୩୫.୬୨୩୫୪ କିଲୋଗ୍ରାମ୍ ଚକୋଲେଟ ଓ ଷ୍ଟ୍ରବେରି ସିରପ୍ ବ୍ୟବହାର କରାଯାଇଥିଲା। ୨୦ହଜାର ଚେରି ମଧ୍ୟ ଏଥିରେ ବ୍ୟବହାର ହୋଇଥିଲା। ତେବେ ସବୁଠୁ ବଡ଼ ଆଇସ୍‌କ୍ରିମର ମାନ୍ୟତା ପାଇବା ପରେ ଏହାକୁ ସେଠାରେ ଉପସ୍ଥିତ ଥିବା ୪୦୦୦ ଲୋକ ଆଇସ୍‌କ୍ରିମଟିକୁ ପରସ୍ପର ମଧ୍ୟରେ ବାଣ୍ଟି ଖାଇଥିଲେ।






### ଗୁରୁ ସେବା କରେ ଯିଏ

କାୟ,ମନ,ବାକ୍ୟେ ଗୁରୁପାଦେ ଭକ୍ତି
କର୍ମ କରିଯାଏ ଯିଏ,
ଧନଜନ ଗୋପଲକ୍ଷ୍ମୀ ପ୍ରାପ୍ତ ହୋଇ
ଚତୁର୍ବର୍ଗ ଫଳ ପାଏ।
ଲକ୍ଷ୍ମୀ, ସରସ୍ୱତୀ ବରପୁତ୍ର ହୁଏ
ବୀରତା ତା'ର ଭୂଷଣ,
ନିଜ ସ୍ୱାର୍ଥ କଥା ତୁଚ୍ଛ ମଣେ ସିନା
ପର ସେବାରେ ତା' ମନ।
ଗୁରୁ ସୁଖଦାତା,ଗୁରୁ ମୁକ୍ତିଦାତା
ଧନ, ଜ୍ଞାନ, ମାନ ଦେଇ,
ଗୁରୁ ବୁଝିଥାନ୍ତି ଶିଷ୍ୟ ମନକଥା
ଶିଷ୍ୟ ପାଇଁ ପ୍ରାଣ ଦେଇ।
ଗୁରୁ ଓ ଗୋବିନ୍ଦ ଏକାଠି ଭେଟିଲେ
ଗୁରୁଙ୍କୁ ସେବିବ ଆଗେ,
ଗୁରୁ ପାଇଁ ସିନା ଗୋବିନ୍ଦ ଲଭିବା
ଗୁରୁ ଖୁସି ଥିଲେ ଭାଗ୍ୟେ।

– ଶିବ ପ୍ରସାଦ ରାଉତ
ବଚ୍ଛଦା, ଜଗନ୍ନାଥପୁର, ଭଦ୍ରକ
ମୋ: ୮୧୪୪୨୮୧୧୫

### ଆଉ ଜଣେ ଗୁରୁ

ସୂରୁଯ ଉଇଁଲେ ପୂରୁବ ଆକାଶେ
ଦୂର ହୁଏ ଅନ୍ଧକାର,
ଚହଳି ଲାଗଇ ଗହଳି ଲାଗଇ
ଜାଗି ଉଠେ ଏ ସଂସାର।
ଫୁଲରୁ ଫୁଲକୁ ଉଡ଼େ ପ୍ରଜାପତି
ଭଅଁର ପାଗଳ ହୁଏ,
ଘାସ ପତରରେ କାକର ଟୋପାଟି
ହୀରା ଭଳି ଦିଶୁଥାଏ।
ସକାଳ ସମୟ ଲାଗେ ମନୋହର
ସୂରୁଯ ଦେବଙ୍କ ପାଇଁ,
ଉଚ୍ଚ ନୀଚ ଭେଦ ନାହିଁ ତାଙ୍କଠାରେ
ଆଉ ଜଣେ ଗୁରୁ ସେହି।

– ପ୍ରଶାନ୍ତ କୁମାର ସାହୁ
ମୋ: ୯୭୭୭୦୯୦୦୫୬

### ଗୁରୁ ମହାତ୍ମା

ଗୁରୁ ଗୋସେଇଁ ରହିଛି ଚାହିଁ
କେବେ ବି ଭୁଲିବି ନାହିଁ,
ତୁମ ସ୍ମରଣେ ଶୁଭ ଲଗନେ
ପୂଜା ଅର୍ଚ୍ଚନା ପାଇଁ।
ଆସିଲେ ସିନା ପୂଜା ଅର୍ଚ୍ଚନା
କରିବି ମନ ଦେଇ,
ବସି ନିକଟେ ଜାଳି ଦୀପଟେ
ପାଦ ଛୁଇଁବି ନଇଁ।
ନାନା ପ୍ରକାରେ ତୁମ ଅଙ୍ଗରେ
ସଜେଇ ଦେବି ଫୁଲ,
ଧୂପ ଲଗେଇ ଦେବି ବନ୍ଦେଇ
ଦିଶିବ ଭାରି ଭଲ।
ତୁମେ ହିଁ ବ୍ରହ୍ମା ବିଷ୍ଣୁ ମହେଶ
ଆରାଧ୍ୟ ଦେବ ମୋର,
ଜ୍ଞାନ ଭଣ୍ଡାର ମୁକ୍ତିର ପଥ
ମହାନ ସୂତ୍ରଧର।
ସୁଦୟା ବହି ନିକଟେ ରହି
କରିଲେ ବିଦ୍ୟା ଦାନ,
ଅମାପ ଧନ କରି ଅର୍ଜନ
ଜୀବନ ହୁଏ ଧନ୍ୟ।

–ବସନ୍ତ କୁମାର ଦାସ
ରମ୍ପା, ବରି, ଯାଜପୁର
ମୋ : ୯୪୩୭୫୯୭୮୯୬

### ସାକ୍ଷାତ ଈଶ୍ୱର

ଗୁରୁ ମୋର ବ୍ରହ୍ମା, ବିଷ୍ଣୁ, ମହେଶ୍ୱର
ଗୁର ମୋ ପରମବ୍ରହ୍ମ
ଗୁରୁ କୃପାସିନ୍ଧୁ, ଦ୍ୱିତୀୟ ବିଧାତା
ପିତା, ମାତା, ବନ୍ଧୁ ସମ।
ଶିକ୍ଷା ଗୁରୁ, ଦୀକ୍ଷା ଗୁରୁ, ସଦଗୁରୁ
ଗୁରୁଙ୍କ ମହିମା ଦିବ୍ୟ
ବିଦ୍ୟା, ବୁଦ୍ଧି, ଜ୍ଞାନ, ମାନ ସମ୍ମାନ
ଜୀବନେ ଭରନ୍ତି ଭବ୍ୟ।
ଗୁରୁ ଦିବସର ପାବନ ବେଳାରେ
ସଭିଙ୍କୁ ଅଭିନନ୍ଦନ
ଗୁରୁ, ପିତାମାତା, ଗୁରୁଜନ ପାଦେ
କରେ ନମନ, ବନ୍ଦନ।
ଏଇ ଅବସରେ ଆସରେ ପିଲାଏ
ଆସ ମୋ ପାଖରେ ବସ
ଗୁରୁ, ଗୁରୁ ମା ଚରଣ ବନ୍ଦନ
କରିବା ହୋଇ ହରଷ।

– ଡ. ଆର୍ତ୍ତତ୍ରାଣ ମିଶ୍ର
ଶିକ୍ଷା ନିର୍ଦ୍ଦେଶକ, ଓ.ଡ଼ି.ଏମ୍ ଶିକ୍ଷା ସମୂହ
ଭୁବନେଶ୍ୱର
ମୋ : ୯୯୨୮୬୪୯୮୨୦

### ଗୁରୁ ହିଁ ପରମେଶ୍ୱର

ଜ୍ଞାନ ଦୀପ ଜାଳି ଆଲୋକ ଦେଖାନ୍ତି
ଦୂର କରି ଅନ୍ଧକାର
ଗୁରୁ ବ୍ରହ୍ମା, ବିଷ୍ଣୁ ଗୁରୁ ମହେଶ୍ୱର
ତୁଳନା ନାହିଁ ତାଙ୍କର।
ଗୁରୁ ପିତା ମାତା ଗୁରୁ ଯେ ଦେବତା
ପୂଜ୍ୟ ପୁଣ୍ୟ ଜଗତରେ
ତାଙ୍କରି ଆଶିଷେ ଭଲ ପାଠ ପଢ଼ି
ଉଡ଼ୁଥିବୁ ଆକାଶରେ।
ଗୁରୁ ମୁକ୍ତି ଶାନ୍ତି ପ୍ରଗତିର ପଥେ
ପ୍ରେରଣାର କର୍ଣ୍ଣଧାର
ଗୁରୁ ଗରୀୟାନ ପୃଥିବୀଠୁ ବଡ଼
ଗୁରୁ ଯେ ପରମେଶ୍ୱର।
ରାମ୍,କୃଷ୍ଣ, ବୁଦ୍ଧ, ଯିଶୁ, ଏକଲବ୍ୟ
କର୍ଣ୍ଣ ଗୁରୁ ଆଶିଷରେ
ଧର୍ମର ପ୍ରତିଷ୍ଠା କରିଯାଇଛନ୍ତି
ଏ ସୁନ୍ଦର ଜଗତରେ।

– ନଳିନୀ ଦାଶ
ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୬୩୭୦୦୦୯୫୨୪୧

## ଏଥରର



- ଶରୀରର କେଉଁ ଅଂଶ ମୃତ୍ୟୁ ପର୍ଯ୍ୟନ୍ତ ବି ବୃଦ୍ଧି ପାଇଥାଏ ?
- ମହାକାଶକୁ ଯାତ୍ରା କରିଥିବା ପ୍ରଥମ ମହିଳା କିଏ ?
- ଆଧୁନିକ କମ୍ପ୍ୟୁଟରର ଜନକ କିଏ ?
- ବାଘର ଆଖିର ରଙ୍ଗ କିପରି ?
- ବିଶ୍ୱ ପରିବେଶ ଦିବସ କେବେ ପାଳନ କରାଯାଏ ?

## ଗତଥରର

- ଘାନା
- ଆନିମୋମିଟର
- କାନ
- ଥୋମାସ୍ ଆଲ୍‌ଭା ଓଡିସନ
- ଆଲ୍‌ଫ୍ରେଡ ନୋବେଲ



## କହିଲ ଦେଖି



ଶିଷ୍ୟର ଅଜ୍ଞାନ ଅନ୍ଧକାର ଦୂର
କରିଥାନ୍ତି ପରା ସିଏ,
ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ସ୍ୱରୂପରେ
ତାଙ୍କୁ ପୂଜା କରେ ଯିଏ
(ଭଲ) ଶିଷ୍ୟରେ ସେ ଗଣାହୁଏ
ତାଙ୍କ ଆଶୀର୍ବାଦ ବଳରେ ଶିଷ୍ୟକୁ
ସଫଳତା ମିଳିଥାଏ ।
କୁହ ସେ ଦେବତା କିଏ ?

**ଉତ୍ତର– ଗୁରୁ**



ସରଳ ଜୀବନ ଶଇଳୀ ତାଙ୍କର
ଜିଣଇ ସବୁରି ମନ,
ଛାତ୍ରୀଛାତ୍ରଙ୍କର ହୋଇ ଆପଣାର
କରି ସିଏ ବିଦ୍ୟାଦାନ,
ପାଉଥିଲେ ସନମାନ।
ସେ ମହାପୁରୁଷ ପୂଜ୍ୟ ଆମର
କର ତାଙ୍କ ଗୁଣଗାନ,
କିଏ ସେହି କୁହ ଯାହା ପାଇଁ ଆମେ
ପାଳୁଛେ ଗୁରୁଦିବସ।

**ଉତ୍ତର– ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ**




ସେପ୍ଟେମ୍ବର ମାସ ପାଞ୍ଚ ତାରିଖ
ସମଗ୍ର ଭାରତବର୍ଷରେ
ସବୁ ବିଦ୍ୟାଳୟେ ଛାତ୍ରୀଛାତ୍ରମାନେ
ପାଳନ କରନ୍ତି ହର୍ଷରେ
ପାଞ୍ଚ ଅକ୍ଷରର ଶବଦଟିଏ
ହାତ ଟେକ ପିଲେ କହିବ କିଏ ?

**ଉତ୍ତର – ଗୁରୁଦିବସ**

– ଜଗଦୀଶ ସାହୁ
ସଞ୍ଜପଡା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୬୬



# ଅମରକଣ୍ଟକ

ମଧ୍ୟପ୍ରଦେଶର ଅମରକଣ୍ଟକ ଆମ ଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହି ସ୍ଥାନର ଏକ ସ୍ୱତନ୍ତ୍ର ବିଶେଷତ୍ୱ ରହିଛି । ଏଠାରୁ ପାଞ୍ଚଟି ନଦୀ ବାହାରିଛନ୍ତି । ତେଣୁ ଏହି ସ୍ଥାନକୁ 'ନଦୀମାନଙ୍କର ଜନନୀ' ବୋଲି କୁହାଯାଏ । ଅମରକଣ୍ଟକ ହିନ୍ଦୁମାନଙ୍କର ଅନ୍ୟତମ ପବିତ୍ରସ୍ଥଳ । ଏଠାରୁ ଏଭଳି ଦୁଇଟି ନଦୀ (ନର୍ମଦା ଏବଂ ସୋନ)ର ଉତ୍ପତ୍ତି ଘଟିଛି, ଯାହାଙ୍କର ଗତି ପରସ୍ପରର ବିପରୀତ ଦିଗରେ ହୋଇଛି । ଏହି ସ୍ଥାନରୁ ନର୍ମଦା ନଦୀ ପଶ୍ଚିମ ଏବଂ ସୋନ ନଦୀ ପୂର୍ବ ଦିଗ ଆଡ଼କୁ ବହି ଯାଇଛି । ଏହା ବ୍ୟତୀତ ଜୋହିଲା ନଦୀର ଉତ୍ପତ୍ତିସ୍ଥଳ ମଧ୍ୟ ଅମରକଣ୍ଟକ । ଏଠାରେ ଏଭଳି ଏକ ପ୍ରାକୃତିକ ବୈଚିତ୍ର ଦେଖିବାକୁ ଦେଶ ବିଦେଶରୁ ପର୍ଯ୍ୟଟକମାନଙ୍କର ବର୍ଷତମାମ ସମାଗମ ହୋଇଥାଏ ।




# କେଟାଟୁମ୍ବୋ ଲାଇଟନିଙ୍ଗ

ପୃଥିବୀରେ ବିଭିନ୍ନ ପ୍ରକାର ନୂଆ ନୂଆ ଘଟଣା ଦେଖିବାକୁ ମିଳିଥାଏ । କିଛି ଘଟଣା ଅଛି ଯାହାର ରହସ୍ୟ ବୈଜ୍ଞାନିକମାନେ ଏପର୍ଯ୍ୟନ୍ତ ଖୋଜି ପାଇ ପାରି ନାହାଁନ୍ତି । ଏମିତି ଏକ ଆଲୌକିକ ଘଟଣା ଦକ୍ଷିଣ ଆମେରିକା ସ୍ଥିତ ଭେନ୍‌ଜୁଏଲା ଠାରେ ଦେଖିବାକୁ ମିଳିଥାଏ । ଯେଉଁଠି ପ୍ରତି ସମୟରେ ବିଜୁଳି ଚମକୁଥିବାର ଦେଖାଯାଏ । ଏଠାରେ ସଂଘଠିତ ଏହି ଘଟଣାକୁ 'କେଟାଟୁମ୍ବୋ ଲାଇଟନିଙ୍ଗ' ବୋଲି କୁହାଯାଇଥାଏ । ଏହି ସ୍ଥାନର ମେରକାଇବୋ ହ୍ରଦ ଉପରେ ଏକ ଘଣ୍ଟା ମଧ୍ୟରେ ବାରମ୍ବାର ବିଜୁଳି ଚମକିଥାଏ । ବିଭିନ୍ନ ରିପୋର୍ଟ ଅନୁଯାୟୀ ବର୍ଷାଦିନରେ ଏକ ମିନିଟ୍ ମଧ୍ୟରେ ପାଖାପାଖି ୨୮ଥର ବିଜୁଳି ଚମକି ଥାଏ । ଏହାକୁ 'ପ୍ରାକୃତିକ ବିଜୁଳି ଘର' ବୋଲି ଅଭିହିତ କରାଯାଇଛି । ଏହାବ୍ୟତୀତ ଏହି ସ୍ଥାନ ଟାଟୁମ୍ବୋ ଲାଇଟିଂ, ଏଭରଲାଷ୍ଟିଂ ଷ୍ଟର୍ମ, ଡ୍ରାମାଟିକ୍ ରୋଲ୍ ଅଫ୍ ଥଣ୍ଡର ନାମରେ ମଧ୍ୟ ପରିଚିତ । ଅନ୍ୟପକ୍ଷରେ ପ୍ରତ୍ୟେକ ବର୍ଷ ପାଖାପାଖି ଏଠାରେ ୨୫୦ଟି ବାତ୍ୟା ସଂଘଠିତ ହୋଇଥାଏ । ୧୯୬୦ରେ ବୈଜ୍ଞାନିକମାନେ ଏଭଳି ପ୍ରାକୃତିକ ଘଟଣାର କାରଣ ଖୋଜି ପାଇଥିଲେ । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଅନୁଯାୟୀ, ଏଠାରେ ୟୁରାନିୟମ୍‌ର ମାତ୍ରା ଅଧିକ ଥିବାରୁ ଏହି ସ୍ଥାନରେ ଅଧିକ ବିଜୁଳି ମାରିଥାଏ । ଆଉ କେତେକ ବୈଜ୍ଞାନିକଙ୍କ ମତରେ ମିଥେନ୍ ଥିବା ଯୋଗୁ ଏପରି ହୋଇଥାଏ ।



# ଦାମୀ ମିଠା

ମିଠାଜାତୀୟ ଖାଦ୍ୟ ଦେଖିଲେ ତାହାକୁ ଖାଇବାକୁ ଅନେକଙ୍କ ପାଟିରୁ ଲାଳ ଗଡେ । ହେଲେ ଗୋଟିଏ କିଗ୍ରା ମିଠାର ଦାମ୍ କ'ଣ ୫୦,୦୦୦ ଟଙ୍କା ହୋଇପାରେ ? ଏକଥା ହୁଏତ ଆଶ୍ଚର୍ଯ୍ୟ ଲାଗିପାରେ, ହେଲେ ତାହା ସତ । ହଁ, ଏଭଳି ଦାମୀ ମିଠା ଦେଖିବାକୁ ମିଳିଛି ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌ ସହରରେ । ଉକ୍ତ ମିଠାର ନାମ ହେଲା 'ଏକ୍‌ଜୋଟିକା' । ଏହାର ଚାହିଦା କେବଳ ଆମ ଦେଶରେ ନୁହେଁ ବିଦେଶରେ ମଧ୍ୟ ରହିଛି । ବିଶେଷଭାବରେ ଧନୀ ଶ୍ରେଣୀର ବ୍ୟକ୍ତିମାନେ ଲକ୍ଷ୍ନୌ ସହରକୁ ଗଲେ ଏହି ମିଠାକୁ କିଣିବାକୁ ମନ ବଳାଇଥାଆନ୍ତି । ଏହି ସହରର ସଦର କେଣ୍ଟରେ 'ଛପନଭୋଗ' ନାମକ ଏକ ମିଠା ଦୋକାନରେ ଏଭଳି ମିଠା ଉପଲବ୍ଧ । ଉକ୍ତ ମିଠାରେ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ତଥା ଦାମିକିଆ ଡ୍ରାଏଫ୍ରୁଟସ ବ୍ୟବହାର କରାଯାଇଥାଏ । ପୁଣି ସେଥିପାଇଁ ଆବଶ୍ୟକ ନଟ୍‌ସ ବିଦେଶରୁ ଆମଦାନୀ ହୋଇଥାଏ । ଯେମିତିକି ସାଉଥ୍ ଆଫ୍ରିକାର ମେକାଡୋମିଆ ନଟ୍, କିନ୍ନୋରର ପାଇନ୍ ନଟ୍, ଇରାନ୍‌ର ମାମରା ବାଦାମ, ୟୁଏସ୍‌ଏର ବ୍ଲୁବେରୀ, ଆଫଗାନିସ୍ତାନର ପିସ୍ତା, ତୁର୍କିର ହେଜଲନଟ୍ ସହିତ କାଶ୍ମୀରୀ କେଶର ବ୍ୟବହୃତ ହୋଇଥାଏ । ଏହି ଏକ କିଗ୍ରା ମିଠାରେ ପ୍ରାୟ ୧୦୦ ପିସ୍ ଥାଏ ।



# ବିଷାକ୍ତ ସ୍ଥାନ

ବିଶ୍ୱର ଅନେକ ପ୍ରକାର ମନଲୋଭା ସ୍ଥାନ ରହିଛି । କେଉଁଠି ସବୁଜିମା ମୁଖ୍ୟ ଆକର୍ଷଣ ସାଜୁଥିବା ବେଳେ ଆଉ କେତେକ ସ୍ଥାନରେ ଆଦୌ ଗଛଲତା ଦେଖିବାକୁ ମିଳି ନ ଥାଏ । କେବଳ ସେଠାରେ ବିରାଜମାନ କରିଥାଏ ନୀରବତା । ଚାରିଆଡ଼େ କେବଳ ଶୂନ୍‌ଶାନ୍‌ର ରାଜୁତି । ଫ୍ରାନ୍ସରେ ଏଭଳି ଏକ ଜାଗା ରହିଛି, ଯାହାକୁ 'ବିଷାକ୍ତ ସ୍ଥାନ' ଭାବରେ ଅଭିହିତ କରାଯାଇଛି । ଏହି ଅଞ୍ଚଳରେ ପ୍ରବେଶ କରିବାକୁ ସରକାରଙ୍କ ପକ୍ଷରୁ ମଧ୍ୟ ବାରଣ କରାଯାଇଛି । ଏହି ସ୍ଥାନ କାହିଁକି ବିଷାକ୍ତ, ସେ ବିଷୟରେ ଗବେଷଣା କରିବା ଲାଗି ନିକଟରେ କେତେଜଣ ବୈଜ୍ଞାନିକ ସେଠାକୁ ଯାଇଥିଲେ । ସେମାନେ ଜାଣିବାକୁ ପାଇଲେ ଯେ, ସେହି ସ୍ଥାନର ମାଟି ସହିତ ପାଣିରେ ମଧ୍ୟ ବିଷ ଭରି ରହିଛି । ଏପରି କି ଯଦି ଟୋପାଏ ପାଣି ପାଟି ଭିତରକୁ ଚାଲିଗଲା, ତେବେ ମୃତ୍ୟୁ ପ୍ରାୟ ନିଶ୍ଚିତ । ଏଠାକାର ପାଣି ବିଷାକ୍ତ ହେବା ପଛରେ ଏକ କାରଣ ମଧ୍ୟ ରହିଛି । ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଏହି ସ୍ଥାନରେ ରାସାୟନିକ ଅସ୍ତ୍ରର ବ୍ୟବହାର କରାଯାଇଥିଲା । ଏହାର ବିଷାକ୍ତ ତତ୍ତ୍ୱ ଯୋଗୁ ସେହି ଦିନଠାରୁ ପାଣି ବିଷମୟ ହୋଇଯାଇଛି ବୋଲି ବୈଜ୍ଞାନିକମାନେ ମତ ଦିଅନ୍ତି ।

# ଆଇନା



ଆୟୁଷି ପୂର୍ଣ୍ଣଭୀ
୭ ବର୍ଷ, ଭୁବନେଶ୍ୱର

ଦୀପଶିଖା ଦାସ
୮ ବର୍ଷ, ଭୁବନେଶ୍ୱର

